ଦୟାଶୀଳ

# ପଶୁ ସୁରକ୍ଷା ଓ ଆଇନ୍

■ ବିଶ୍ୱଦର୍ଶୀ ମିଶ୍ର

ସମାଜରେ ଅନେକଗୁଡ଼ିଏ ଜୀବଜନ୍ତୁ ବାସ କରିଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକଗୁଡ଼ିଏ ଗୃହପାଳିତ ଅଟନ୍ତି । ଅନେକ ପଶୁ ମଧ୍ୟ ରାସ୍ତାଘାଟ ବଣ ଜଙ୍ଗଲରେ ବସବାସ କରନ୍ତି । ଅନେକ ଜୀବଜନ୍ତୁ ଓ ସରୀସୃପଙ୍କୁ ସରକାର ଚିଡ଼ିଆଖାନାରେ ରଖିଥାନ୍ତି । ଅନ୍ୟ ଯେଉଁମାନେ ବଣଜଙ୍ଗଲରେ ଓ ସହର ବଜାରରେ ଏଣେତେଣେ ବୁଲନ୍ତି ସେମାନଙ୍କ କଥା ବୁଝିବାକୁ କେହି ନ ଥାନ୍ତି । ନା ସେଥିପାଇଁ ସରକାର ନା ସାଧାରଣ ଜନତା । ସେମାନେ ଏଣେତେଣେ ଘୂରିବୁଲନ୍ତି । ଖାଲି ଏତିକି ନୁହେଁ ଏହି ବୁଲାପଶୁମାନେ ଅନେକ ସମୟରେ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି । ସାଧାରଣତଃ ଏମାନଙ୍କ ଅଧିକାର ବା ସୁରକ୍ଷା ପାଇଁ ଆଇନ ଅଛି । ଆଇନକାନୁନ୍ ଥିବା ସତ୍ତ୍ୱେ ଏମାନେ ଅବହେଳିତ । ବର୍ତ୍ତମାନ ଗୋଟାଏ ଟ୍ରକରେ ଅତିକମରେ ୩୦ରୁ୪୦ଟି ଗୋରୁଙ୍କୁ ମାଂସ ଓ ଚମଡ଼ା ଉଦ୍ଦେଶ୍ୟରେ ଅତି ଅମାନୁଷିକ ଭାବରେ ଚାଲାଣ କରାଯାଉଛି । ଏଥିପାଇଁ ଆଇନ ଖୁବ୍ କଡ଼ାକଡ଼ି କିନ୍ତୁ ଦେଖୁଛି କିଏ । ଭାରତୀୟ ସମ୍ବିଧାନର ଚତୁର୍ଥ ପରିଚ୍ଛେଦ ଧାରା ୪ର୍ଥ(କ) ଅନୁଯାୟୀ ପ୍ରତ୍ୟେକ ନାଗରିକମାନଙ୍କର କର୍ତ୍ତବ୍ୟ ହେଉଛି ପ୍ରାକୃତିକ ପରିବେଶ, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟଜନ୍ତୁମାନଙ୍କର ରକ୍ଷଣାବେକ୍ଷଣ ଓ ସୁରକ୍ଷା କରିବା । ଭାରତୀୟ ପିଙ୍ଗଳ କୋଡ-୧୮୬୦ (୪୫) ୧୮୪୦ ଧାରା ୪୨୮ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଗୋଟିଏ ପଶୁକୁ କିଛି ଅର୍ଥ ପାଇଁ ବିଷ ଦେଇପାରେ କିମ୍ବା ହତ୍ୟାକରେ ତା'ପାଇଁ ଦଣ୍ଡ ସ୍ୱରୂପ ଦୁଇବର୍ଷ ଜେଲଦଣ୍ଡ ଏବଂ ଅର୍ଥ ଜରିମାନାର ବ୍ୟବସ୍ଥା ଅଛି । ଦୂରଯାତ୍ରାରେ ନିଆଯାଉଥିବା ଯାନରେ ପଶୁମାନଙ୍କୁ ଅଧିକ ସଂଖ୍ୟାରେ ନ ନେବା ଏବଂ ବାଟରେ ସେମାନଙ୍କ ଯାତ୍ରା ଯେପରି ଯନ୍ତ୍ରଣାଦାୟକ ନହୁଏ ସେଥିପ୍ରତି ଧ୍ୟାନଦେବା, ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଏବଂ ପାଣିଦେବା, ସେମାନଙ୍କୁ କୌଣସି କାରଣ ନଥାଇ ବିକ୍ରି କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି । ଦୂରକୁ ନେବା ପୂର୍ବରୁ ଗାଈ ଓ ଛେଳିଙ୍କର ଭଲଭାବରେ ଜଣେ ପଶୁ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ହେବା ଉଚିତ । ଏଭଳି ଅନେକ ନିୟମ ରହିଛି । ସମସ୍ତ ନିୟମ ରହିଥିବା ସତ୍ତ୍ୱେ ପଶୁପକ୍ଷୀମାନଙ୍କ ପ୍ରତି ଅତ୍ୟାଚାର ଚାଲିଛି । ଭାରତର ପ୍ରମୁଖ ଅନ୍ୟତମ ଅଗ୍ରଣୀ ପଶୁମଙ୍ଗଳକାରୀ ଅନୁଷ୍ଠାନ (ପିପୁଲ ଫର ଆନିମଲ) ୧୯୯୪ ମସିହାରୁ କାର୍ଯ୍ୟ କରି ଆସୁଅଛି । ଅନ୍ତର୍ଜାତିକ ସଂସ୍ଥା 'ପେଟା' ଗଣମାଧ୍ୟମ ଦ୍ୱାରା ସମସ୍ତଙ୍କୁ ସଚେତନ କରାଉଛି । ତା' ସତ୍ତ୍ୱେ ମଧ୍ୟ ଭାରତ ପୃଥିବୀରେ ୭ମ ଚମଡ଼ା ରପ୍ତାନିକାରୀ ଏବଂ ବିଦେଶୀ ମୁଦ୍ରା ଆୟକାରୀ ଦେଶ ହୋଇଛି । ଏହାଦ୍ୱାରା ଆମର ଦେଶ ପଶୁ ସମ୍ପଦ ହରାଉଛି । ଚାଷ କାର୍ଯ୍ୟରେ ବ୍ୟବହୃତ ଗୃହପାଳିତ ପଶୁମାନେ ମଧ୍ୟ ନିଅଣ୍ଟ ପଡୁଛନ୍ତି । ବର୍ତ୍ତମାନ ଆମ ଓଡ଼ିଶାର ଭୁବନେଶ୍ୱର ଚନ୍ଦକା ହାତୀ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଅସୁରକ୍ଷିତ । ଜନବସତି ଆଡ଼କୁ ମାଡ଼ିଯିବା ଫଳରେ ଆମର ହାତୀ ତଥା ଅନ୍ୟାନ୍ୟ ପଶୁମାନେ ବ୍ୟସ୍ତବିବ୍ରତ ହୋଇ ସହର ମଧ୍ୟକୁ ପ୍ରବେଶ କରୁଛନ୍ତି । ସାଧାରଣ ଜନତାଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି । ସେଥିପାଇଁ ସରକାରୀ ପଦକ୍ଷେପ ମଧ୍ୟ ନାହିଁ । ଗତ ୧ବର୍ଷ ମଧ୍ୟରେ ଅନେକ ହାତୀ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଇ ସାରିଲେଣି । ସଚେତନତା ଅଭାବରୁ ପଶୁମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ଯଦି ଆମେ ସେମାନଙ୍କ ବିଷୟରେ ଚିନ୍ତା ନ କରିବା ସେମାନଙ୍କ ବଂଶ ଲୋପ ପାଇଯିବ । ତେଣୁ ପଶୁ ସମାଜର କିଭଳି ରକ୍ଷା ହୋଇପାରିବ ସେ ବିଷୟରେ ଆମେ ହୃଦୟତାର ସହିତ ଚିନ୍ତା କରିବା ଏବଂ ଦୟାଶୀଳ ହେବା ଆବଶ୍ୟକ ।

*(ଧରିତ୍ରୀ-୦୯/୧୨/୦୫)*

❖ ❖ ❖



ଜିଲ୍ଲା ଜୀବ ନିଷ୍ଠୁରତା ନିରୋଧ ସମିତି ନୟାଗଡ଼ ତରଫରୁ 'ଜୀବବନ୍ଧୁ' ଓ 'ଜୀବ ପ୍ରଦୀପ' ପୁରସ୍କାର ମୁଖ୍ୟ ଅତିଥି ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ସମୀର ଦେ ଜାନୁୟାରୀ ୨୬ ଦିନ ନୟାଗଡ଼ ପ୍ୟାରେଡ୍ ପଡ଼ିଆରେ ସାଧାରଣତନ୍ତ୍ର ଉତ୍ସବ ୨୦୦୭ରେ ଯଥାକ୍ରମେ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବେହେରା ଓ ଡାକ୍ତର ଶରତ କୁମାର ମିଶ୍ରଙ୍କୁ ପ୍ରଦାନ କରୁଛନ୍ତି ।